ଏପିସୋଡ ୪୮

# ଭବିଷ୍ୟତ ପାଇଁ ଶକ୍ତି

ମୂଳ ଲେଖା: ମାନସ ପ୍ରତୀମ ଦାସ

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

(ଲୋକାଲ ଟ୍ରେନ ଆସିବା ସମୟ, ଅଧିକାଂଶ ଯାତ୍ରୀ ଅଫିସ ସାରି ଘରକୁ ଫେରୁଛନ୍ତି, ଅସୀମ ଏବଂ ନାଜିମଙ୍କ ଭିତରେ କଥାବାର୍ତ୍ତା ଚାଲିଛି)

ଅସୀମ: ଦୟାକରୀ ଟିକେ ସେପଟକୁ ଘୁଞ୍ଚନ୍ତୁ। ମୁଁ ବସିପାରୁ ନାହିଁ।

ଯାତ୍ରୀ: ଜାଗା କୋଉଠି ଦେଖୁଛନ୍ତି ଭାଇ। ମୋ ପାଇଁ ତ ଜାଗା ନାହିଁ।

ଅସୀମ: ଜାଗା ତ ବହୁତ ଅଛି, କିନ୍ତୁ ଆପଣ ଘୁଞ୍ଚିବାକୁ ଚାହାନ୍ତି ନାହିଁ।

ଯାତ୍ରୀ୨:ଆଜ୍ଞା, ଆପଣ ଟାକ୍ସିରେ ଯିବା ଉଚିତ ଥିଲା। ଆପଣଙ୍କ ପାଇଁ ଲୋକାଲ ଟ୍ରେନ୍ ଠିକ ନୁହଁ।

ଅସୀମ: ମତେ ତମ ପରାମର୍ଶ ଦରକାର ନାହିଁ। ଆପଣ କିଛି କୁହନ୍ତୁ ନାହିଁ।

ଯାତ୍ରୀ: ପାଟି ବନ୍ଦ କରୁଛ ନା ନାହିଁ। ଜଙ୍ଗଲି କୋଉଠିକାର।

ଅସୀମ: କ'ଣ କହିଲ? ଆଉ ଥରେ କହିଲ... ଏମିତି ମାରିବି ଯେ... ଦାନ୍ତ

ଝଡ଼େଇ ଦେବି।

(ଭିଡ଼ ଭିତରୁ କେହି କହୁଛନ୍ତି " ଜାଣିନ କି ମୁଁ କିଏ? ଟ୍ରେନରୁ ତଳକୁ ଓହ୍ଲା। ସବୁ ଫୁଟାଣି ବାହାର କରିଦେବି। ଅନ୍ୟପଟୁ ନାଜିମଙ୍କ ସ୍ୱର)

ନାଜିମ: ଆରେ ଅସୀମ ଭାଇ, କ'ଣ ହେଉଛି? ଏଠିକି ଚାଲିଆସ। ବହୁତ ଜାଗା ଅଛି। ପଙ୍ଖା ପବନ ବି ବାଜୁଛି। (ଅସୀମ ନିଜ ଜାଗା ଛାଡ଼ି ଯାଉଛନ୍ତି, ନାଜିମ ପାଖରେ ବସୁଛନ୍ତି)

ଅସୀମ: ଆମେ ଦୁହେଁ ଏଇ ଜାଗାରେ ବସିଯିବା। ଠକ ଅଛି ନାଜିମ...

ନାଜିମ: ଠିକ ଅଛି ଭାଇ, ତମେ ଚିନ୍ତା କରନାହିଁ। ଦିନସାରା ଅଫିସରେ ବସି ବସି ଆସୁଛି। ଏବେ ଟିକିଏ ଠିଆ ହୁଏ।

ଅସୀମ: ନାଜିମ ଭାଇ, ଅନେକ ଦିନ ହେଲା ଦେଖା ନ ଥିଲା। କୁଆଡ଼େ ଯାଇଥିଲ?

ନାଜିମ: ମୋ ମତରେ ପୂରା ତିନିବର୍ଷ ହେଲା। ଏ ଭିତରେ ମୋର ବଦଳି ଉତ୍ତର ପ୍ରଦେଶ ହୋଇଯାଇଥିଲା।

ଅସୀମ: ଆଚ୍ଛା.. କଥା ତାହେଲେ ଏଇଆ। ତମ ବିଷୟରେ କେହି କିଛି କହି ନ ଥିଲେ। ତମର ବଦଳି ହେବା କଥା ମୁଁ ଜାଣିଥିଲି, କିନ୍ତୁ କୁଆଡ଼େ ହେଲା ଜାଣି ନ ଥିଲି।

ନାଜିମ: (ହସି ହସି) କିଛି ସମୟ ପାଇଁ ତ ବୁଝିପାରିଲି ନାହିଁ, ଅଧିକାରୀଙ୍କ ମତଲବ କ'ଣ, ସେମାନେ ବୋଧେ ବଦଳି ନାଁରେ ଶାସ୍ତି ଦେଉଛନ୍ତି।

ଅସୀମ: ନା ନା ଏମିତି ନୁହେଁ। ତମେ ତ ପରିଶ୍ରମୀ ଆଉ ନିଷ୍ଠାବାନ। ସେମାନେ ଏମିତି କାହିଁକି କରିବେ? ସଂସ୍ଥା ପାଇଁ ତମେ ତ ହୀରା।

ନାଜିମ: ଏଇଟା ତମର ଭଲପାଇବା। ଆଚ୍ଛା କୁହ ତ ବର୍ଷା କ'ଣ କରୁଛି।

ଅସୀମ: ସେ ଇଂରାଜୀରେ ଏମ୍‌ଏ ପଢୁଛି। ତମ ବିଷୟରେ ସବୁବେଳେ ପଚାରେ। ପାଞ୍ଚ ବର୍ଷ ତଳେ ଯୋଉ ପିକ୍‌ନିକ୍ ଯାଇଥିଲେ ତମର ମନେଅଛି, ତମେ କି ସୁନ୍ଦର ବଂଶୀ ବଜେଇଥିଲ।

ନାଜିମ: (ଆଶ୍ଚର୍ଯ୍ୟ ହୋଇ) ତମର ମନେ ଅଛି!! ଆଜିକାଲି କାମ ବେଶୀ ଥିବାରୁ ମୁଁ ଆଉ ଅଭ୍ୟାସ କରିପାରୁନାହିଁ।

ଅସୀମ: ବୁଝୁଛି। ଆଚ୍ଛା ତମ ମା କେମିତି ଅଛନ୍ତି?

ନାଜିମ: ମୁଁ ଅଫିସରେ ଥିବା ବେଳେ ସେ ଚାଲିଗଲା। ଘରକୁ ଫେରି କେବଳ ତା ଶବ ମୁଁ ଦେଖିଲି।

ଅସୀମ: ଓହ! ମୁଁ ସତରେ ଦୁଃଖିତ। ଆଶାକରୁଛି ଏ ଧକ୍କା ସହିବା ପାଇଁ ତମେ ନିଜକୁ ପ୍ରସ୍ତୁତ କରିବ।

(ଜଣେ ବିକ୍ରେତା - ମାତ୍ର କୋଡ଼ିଏ ଟଙ୍କାରେ ମ୍ୟାଜିକ ଆଲୁଅ। ଅସୀମ ଆଉ ନାଜିମଙ୍କ କଥା ଅଟକିଯାଉଛି)

ଅସୀମ: ତମ ଆଲୁଅ ଦେଖାଇଲ।

ବିକ୍ରେତା: ଏଇ ନିଅନ୍ତୁ ସାର୍। କେବଳ କୋଡ଼ିଏ ଟଙ୍କା ମାତ୍ର।

ଅସୀମ: ହଉ। ମୁଁ ବୁଝିଲି ଯେ ଏଇଟା ବହୁତ ଶସ୍ତା, କିନ୍ତୁ ଏହାର ବିଶେଷତ୍ୱ କ'ଣ? ଏହାକୁ ମ୍ୟାଜିକ ଆଲୁଅ କାହିଁକି କହୁଛ?

ବିକ୍ରେତା: ଏହାକୁ ଭଲ କରି ଦେଖନ୍ତୁ ସାର୍। ଶକ୍ତି ପାଇଁ ଏହାର ତିନୋଟି ଉତ୍ସ ରହିଛି।

ନାଜିମ: ଗୋଟେ ନୁହେଁ ତିନୋଟି!! ଜଣାଯାଉଛି ତ ଅଦ୍ଭୁତ ଭଳି।

ବିକ୍ରେତା: ମୁଁ ତ ଆଜ୍ଞା ସେଇକଥା କହୁଛି। ଏଠି ଦେଖନ୍ତୁ, ଏଇ ଛୋଟ ଜାଗାରେ ଆପଣଙ୍କର ଗୋଟିଏ ବ୍ୟାଟେରୀ ଅଛି। ଏବା ଆଲୁଅ ଜଳିଲା।

ନାଜିମ: ତା ତ ମୁଁ ଭାବୁଥିଲି। ଅନ୍ୟ ଦୁଇଟି ଶକ୍ତି ଉତ୍ସ କ'ଣ?

ବିକ୍ରେତା: ସୌରଶକ୍ତି ସାର୍। ଆପଣ କ'ଣ ଟେଲିଭିଜନରେ ଏହାର ବିଜ୍ଞାପନ ଦେଖିନାହାନ୍ତି? ଆପଣ ସୌରଶକ୍ତି ବ୍ୟବହାର ଆରମ୍ଭ ନ କଲେ ଆପଣ ସମୟ ସହ ଗତି କରିପାରିବେ ନାହିଁ।

ଅସୀମ: ଏଥିରେ ସୌରଶକ୍ତି କେମିତି ସଂଗ୍ରହ ହେବ? ଆଉ ଯା ଭିତରେ ସଂରକ୍ଷିତ ହୋଇ କେମିତି ରହିବ?

ବିକ୍ରେତା: ଆଉ ଥରେ ଦେଖନ୍ତୁ। ଏଠି ଉପରେ ଗୋଟିଏ ଛୋଟ ସୌର ପ୍ୟାନେଲ ଅଛି। ଏହାକୁ ସୂର୍ଯ୍ୟ କିରଣରେ କିଛି ଘଣ୍ଟା ପାଇଁ ରଖିବାକୁ ହେବ, ତାହେଲେ ସୌରଶକ୍ତି ସଂଗୃହୀତ ହେବ। ଆଉ ରହିଲା ସଂରକ୍ଷିତ ହେବା କଥା, ମୁଁ ଜଣେ ବୈଜ୍ଞାନିକ ନୁହେଁ ସାର୍, ମୁଁ କେବଳ ଏହାକୁ ବିକି କିଛି ପଇସା ପାଏ। ଏ ଆଲୁଅ ବିଷୟରେ ମୁଁ ଏତିକି ଜାଣିଛି।

ଅସୀମ: ଠିକ ଅଛି, ମୁଁ ବୁଝିଗଲି ଯେ ତମେ ସବୁ ପ୍ରଶ୍ନର ଉତ୍ତର ଦେଇପାରିବ ନାହିଁ। କିନ୍ତୁ ତମେ ଆମକୁ କୁହ ଯେ ଆମେ ଏ ବିଷୟରେ ଅଧିକ କୋଉଠୁ ଜାଣିପାରିବୁ।

ବିକ୍ରେତା: ତଳେ ଗୋଟିଏ ଫୋନ ନମ୍ବର ଛପା ହୋଇଛି। ଯଦି ଆପଣ ବହୁତ ଆଗ୍ରହୀ ତେବେ ଏହି ନମ୍ବରରେ ଫୋନ କରିପାରିବେ।

ଅସୀମ: ତା ତ ଆମେ ନିଶ୍ଚୟ କରିପାରିବୁ। କିନ୍ତୁ ତୃତୀୟ ଶକ୍ତି ଉତ୍ସ କ'ଣ? ସେ

ଉତ୍ସଟି ପ୍ରକୃତରେ କ'ଣ?

ବିକ୍ରେତା: ଆପଣ ଦେଖୁଛନ୍ତି ଯେ ଏହା ସହିତ ଗୋଟିଏ ଛୋଟ ଚକ ଯୋଡ଼ା ହୋଇଛି। ଏଇଠି...

ଅସୀମ: ହଁ ହଁ। କିନ୍ତୁ ମୁଁ ଭାବିଲି ସେଇଟା ଖାଲି ସଜେଇବା ପାଇଁ।

ବିକ୍ରେତା: ନା ମୋଟେ ନୁହେଁ ସାର୍। ଆପଣ ଏ ଚକ ବୁଲେଇଲେ ଗୋଟିଏ ତାର ବାହାରିବ, ଏହା ବଲ୍‌ବଟି ଜଳିବା ପାଇଁ ଶକ୍ତି ଯୋଗାଇବ।

ନାଜିମ: ଆରେ ବାଃ। ଆଲୁଅଟି ଗୋଟିଏ ଶକ୍ତି ଉତ୍ସରୁ ଆଉ ଗୋଟିଏ ଉତ୍ସକୁ ଯାଇପାରିବ।

ଅସୀମ: ତା ମାନେ ଏଠି ରାସାୟନିକ, ସୌର ଏବଂ ଯାନ୍ତ୍ରିକ ଶକ୍ତି ରହିଛି। ତମେ କ'ଣ ଭାବୁଛ ନାଜିମ, ଘର ପାଇଁ ଗୋଟିଏ କିଣିବା?

ନାଜିମ: ମୁଁ ତ ଭାବୁଛି ଗୋଟିଏ କିଣିବା କଥା। ମତେ ଗୋଟିଏ ଦିଅ।

ଅସୀମ: ଠିକ ଅଛି ମୁଁ ବି ଗୋଟିଏ ନେବି।

ବିକ୍ରେତା: ଆପଣ ଏମିତି ଗୋଟିଏ ଜିନିଷ ଘରକୁ ନେଉଛନ୍ତି ଯାହା ଆଉ କୋଉଠି ବି ପାଇବେନାହିଁ।

(ବିକ୍ରେତା ଅନ୍ୟ ଡବାକୁ ଚାଲିଯାଉଛି)

ଅସୀମ: ଏହାର କାରିଗରୀ ଯାହା ବି ହେଉ। କିନ୍ତୁ ଲୋକଟି ଏମିତି କହି କହି ବିକୁଛି ଯେମିତି ସେ ଆଲାଦୀନର ଦୀପ ବିକ୍ରି କରୁଛି।

ନାଜିମ: ମୁଁ ଯେଉଁଠି ବଦଳି ହୋଇ ଯାଇଥିଲି ମୋର ଗୋଟିଏ ଏମିତି ଦୀପ ଥାଆନ୍ତା କି।

ଅସୀମ: ତା ମାନେ ତମର ସେଠି ବିଜୁଳି ଶକ୍ତି ନ ଥିଲା।

ନାଜିମ: ସେକଥା ତମେ କହିପାରିବ ନାହିଁ ଅସୀମ ଭାଇ। ପ୍ରଶାସକଙ୍କୁ ଅପମାନ ଲାଗିବ। ସେମାନେ ଖୁଣ୍ଟ ପୋତି ଘରମାନଙ୍କୁ ତାର ସବୁ ଟାଣି ଦେଇଛନ୍ତି।

ଅସୀମ: ମୁଁ ତମ କଥା ବୁଝିପାରୁନାହିଁ। ତାହେଲେ ସମସ୍ୟା କୋଉଠି?

ନାଜିମ: ଏଇଟା ସେଇ ଗାଁମାନଙ୍କ ଭିତରୁ ଗୋଟିଏ ଯେଉଁଠିକୁ କାଗଜରେ କେବଳ ବିଜୁଳି ଶକ୍ତି ଯାଇଛି। କିନ୍ତୁ ବାସ୍ତବରେ ବିଜୁଳି ଶକ୍ତି ସେଠାରେ ନାହିଁ।

ଅସୀମ: ତାମାନେ ଏତେ ବର୍ଷ ତମେ ବହୁତ କଷ୍ଟରେ ଥିଲ।

ନାଜିମ: ସେଇଆ କହିପାର। ଘରେ ଆଲୁଅ ଜାଳିବା ପାଇଁ ପ୍ରତି ସପ୍ତାହରେ ଆମକୁ ବେଶ୍ କିଛି କିରୋସିନି କିଣିବାକୁ ପଡୁଥିଲା। ତା ସତ୍ତ୍ୱେ ବି ଡେରି ରାତି ଯାଏଁ କାମ କରିବା ମୁସ୍କିଲ ଥିଲା।

ଅସୀମ: ତା ମାନେ ତମର ମନୋରଞ୍ଜନ ପାଇଁ କିଛି  ନଥିଲା। ଟେଲିଭିଜନ ଲଗାଇବା ପାଇଁ ତ ବିଜୁଳି ଶକ୍ତି ଦରକାର।

ନାଜିମ: ଏ ସମୟ ଭିତରେ ମୋ ସାଙ୍ଗ କେବଳ ମୋଟ ଟ୍ରାନ୍‌ଜିଷ୍ଟର ରେଡିଓ ଥିଲା। ସେଥିରେ ବାଜୁଥିବା ସବୁ କାର୍ଯ୍ୟକ୍ରମ ମୁଁ ପ୍ରାୟ ଶୁଣେ। ଗୀତ, ନାଟକ, ପିଲାଙ୍କ କାର୍ଯ୍ୟକ୍ରମ ଏମିତିକି ବିଜ୍ଞାନ କାର୍ଯ୍ୟକ୍ରମ ବି।

ଅସୀମ: ବଢ଼ିଆ ତ!! ଆମେ ଯେଉଁମାନେ ବଡ଼ ସହରରେ ବା ତା ଆଖପାଖରେ ରହୁଛି ପ୍ରାୟ ରେଡିଓଠାରୁ ଦୂରେଇ ଗଲୁଣି। ମାନେ ଅନ୍ୟ ମାଧ୍ଯମ ଆସିବା ଯୋଗୁ ଏମିତି ହେଉଛି।

ନାଜିମ: ଅସୀମ ଭାଇ ଜାଣିଛ, ଆମର ଶକ୍ତି ଅବସ୍ଥା ଉପରେ ମୁଁ ଗୋଟିଏ

ବିଜ୍ଞାନ କାର୍ଯ୍ୟକ୍ରମ ଶୁଣିଛି।

(ପଛୁଆ ସ୍ୱର: ନିରନ୍ତର ଶକ୍ତି ଉତ୍ସ ଏଭଳି ଯାହା କି କେବେ ସରିବ ନାହିଁ କି କମିବନାହିଁ। ଏହା ଅକ୍ଷୟ। ଅନେକ ପ୍ରକାରର ଶକ୍ତି ନିରନ୍ତର ଶକ୍ତି ଭାବରେ ନିଆଯାଇ ପାରେ। ସବୁଠାରୁ ସାଧାରଣ ଭାବରେ ଗୃହୀତ ଉତ୍ସ ପବନ, ସୌର ଏବଂ ଜଳ ସହିତ ଜୈବଶକ୍ତି ଏବଂ ଭୂତାପୀୟ ଶକ୍ତି ବି ରହିଛି। ଜୈବଶକ୍ତି ହେଉଛି ନଡ଼ା, ଖତ, ଏବଂ ଅନ୍ୟ କୃଷିଜାତ ପଦାର୍ଥ ଭଳି ଜୈବିକ ପଦାର୍ଥରୁ ମିଳୁଥିବା ଶକ୍ତି। ଭୂତାପୀୟ ଶକ୍ତି ହେଉଛି ପୃଥିବୀର ଆଭ୍ୟନ୍ତରୀୟ ଶକ୍ତି ଉତ୍ସରୁ ମିଳୁଥିବା ଶକ୍ତି। (ଧୀରେ ଧୀରେ ସ୍ୱର ମିଳେଇ ଯାଉଛି)

ନାଜିମ: ଅନେକ ସମୟରେ ମୁଁ ସହରର ଚକଚକିଆ ରାସ୍ତା ଆଲୁଅ ଦେଖି ଭାବେ ଯେ ଆମେ କେହି ନିରନ୍ତର ଶବ୍ଦର ଅର୍ଥ କିଛି ବୁଝିଛେ କି?

ଅସୀମ: ତମର ବଦଳି ତମକୁ ଅନେକ ବଦଳେଇ ଦେଇଛି। ମୁଁ ତାହା ସ୍ପଷ୍ଟ ଦେଖିପାରୁଛି। ମତେ ଏହା ଭଲଲାଗୁଛି, କିନ୍ତୁ ମୋ ଷ୍ଟେସନ ଆସିଗଲା, ମତେ ଓହ୍ଲେଇବାକୁ ହେବ। ସେ ଗାଁରେ ତମ ଅନୁଭୂତି ବିଷୟରେ ମୋର ଆହୁରି ଶୁଣିବାକୁ ଇଚ୍ଛା।

ନାଜିମ: ନିଶ୍ଚୟ ଅସୀମ ଭାଇ, ଦିନେ ମୁଁ ଫୋନ କରି ତମ ଘରେ ଯାଇ ପହଞ୍ଚି ଯିବି ଜଳଖିଆ ଖାଇବାକୁ।

ଅସୀମ: ଆମେ ସମସ୍ତେ ବହୁତ ଖୁସି ହେବୁ।

(ନାଜିମ ଏବଂ ବ୍ୟାଙ୍କ ମାନେଜର ସହ କଥାବାର୍ତ୍ତା)

ନାଜିମ: ରବି କହୁଥିଲେ ଯେ ମାନେଜର ଆପଣଙ୍କୁ ଭେଟିବାକୁ କହୁଥିଲେ। ମୋ କାମରେ କିଛି ଭୁଲ ହୋଇଯାଇଛି କି?

ରୀତା: ହେ ନାଜିମ, ତମେ ସେମିତି କୁହନି। ତମେ ଜାଣିଛ ତମେ କେତେ ସଚ୍ଚୋଟ କର୍ମଚାରୀ। ଏଇଟା ଟିକିଏ ଅଲଗା। ମୁଁ ତମକୁ କିଛି ଦାୟିତ୍ୱ ଦେବାକୁ ଚାହେଁ। ମୁଁ ଜାଣିଛି କେବଳ ତମେ ଏହା କରିପାରିବ।

ନାଜିମ: ମୁଁ ବହୁତ ଖୁସି, ତା ସହିତ ଭୟବୀତ, ଆପଣ କେଉଁ କଥା କହୁଛନ୍ତି?

ରୀତା: କେତେଜଣ ଉଦ୍ୟୋଗୀ ଲୋନ୍ ନେବା ପାଇଁ ଆମକୁ ଅନୁରୋଧ କରିଛନ୍ତି। ସେମାନେ କହୁଛନ୍ତି ଯେ ସେମାନେ ବିକଳ୍ପ ଶକ୍ତି ଉତ୍ସ ଉପରେ କିଛି ବ୍ୟବସାୟ କରିବାକୁ ଚାହୁଁଛନ୍ତି। ତମେ ତ ଜାଣିଛ ଯେ ଯେଉଁଠି ସମ୍ଭବ ହେବ ସେଠି ଲୋନ୍ ଦେବା ଆମର ନିୟମ। କିନ୍ତୁ ମୋର ଏଇ ଦୁଇଟି ପ୍ରକଳ୍ପ ଉପରେ ସନ୍ଦେହ ହେଉଛି।

ନାଜିମ: ଓହୋ। ସେମାନଙ୍କର ବିଶ୍ୱସ୍ତତା ଉପରେ କିଛି ସମସ୍ୟା ଅଛି?

ରୀତା: ଠିକ ସେଇଆ ନୁହେଁ। ସେମାନେ ଯେଉଁ କାଗଜପତ୍ର ଦେଇଛନ୍ତି ସେଥିରେ ମୁଁ ସନ୍ତୁଷ୍ଟ। କିନ୍ତୁ ମୁଁ ନିଶ୍ଚିତ ହୋଇପାରୁ ନାହିଁ ଯେ ସେମାନେ ତାଙ୍କର ବ୍ୟବସାୟ ସଫଳ ଭାବରେ ଚଳେଇ ପାରିବେ ତ?

ନାଜିମ: ଓହୋ। ତାହେଲେ ଆପଣ ମତେ କ'ଣ କରିବାକୁ କହୁଛନ୍ତି?

ରୀତା: ବେଶୀ କିଛି ନୁହେଁ। ତମେ ସେମାନଙ୍କୁ ଭେଟ ଏବଂ କୁହ ଯେ ବ୍ୟାଙ୍କ ଆପଣଙ୍କ ବ୍ୟବସାୟର ରୂପରେଖ ବିଷୟରେ ଜାଣିବାକୁ ଚାହୁଁଛି। ଆମ ପାଇଁ ଏଭଳି ପ୍ରକଳ୍ପ ପୂରାପୂରି ନୂଆ। ଆମେ ବି ଜାଣୁଛୁ ଯେ ଆଗକୁ ଭବିଷ୍ୟତରେ ଏଭଳି ଦରଖାସ୍ତ ଆମ ପାଖକୁ ଅନେକ ଆସିବ।

ନାଜିମ: ତାମାନେ ମୁଁ ଜଣେ ଆର୍ଥିକ ଗୋଇନ୍ଦା। (ଉଭୟ ହସୁଛନ୍ତି)

ରୀତା: ମୁଁ ଜାଣୁଛି ଯେ ତମେ ବହୁତ ଅଖାଡୁଆ ପରିସ୍ଥିତିରେ ପଡ଼ିବ, କିନ୍ତୁ

ତମେ ଜାଣିଛ, ମୁଁ ଆଉ ବ୍ୟାଙ୍କରେ ଖରାପ ଲୋନର ଚାପ ବଢ଼ାଇବାକୁ ଚାହୁଁନି। ସେଥିପାଇଁ...

ନାଜିମ: ସେଥିପାଇଁ ମତେ ସଫଳତାର ପତା ଲଗାଇବାକୁ ହେବ।

ରୀତା: ଠିକ। ମୁଁ ଆଜି ତମକୁ ଚିଠି ଦେଇଦେବି। କିନ୍ତୁ ସେଥିରେ ରହିବ ଯେ ନାଜିମ କିଛି ନୂଆ ବ୍ୟାଙ୍କିଂ ପ୍ରକ୍ରିୟା ଶିଖିବା ପାଇଁ ମୁଖ୍ୟ କାର୍ଯ୍ୟାଳୟ ଯାଉଛି।

ନାଜିମ: ବୁଝୁଛି। ମୁଁ ଏଇ ଶକ୍ତି ଅଭିଯାନ ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ହେବ।

ରୀତା: ତମକୁ ମୋର ଶୁଭେଚ୍ଛା।

ନାଜିମ: ଧନ୍ୟବାଦ ମ୍ୟାଡାମ।

(ନାଜିମ ମାନେଜରଙ୍କ କୋଠରୀ ଛାଡ଼ି ଯାଉଛି। ସେ ସୁନ୍ଦରବନ ଅଞ୍ଚଳରେ ଜଣେ ଉଦ୍ୟୋଗୀଙ୍କ ସହ ଆଲୋଚନା କରୁଛନ୍ତି)

ନାଜିମ: ମନେହେଉଛି, ତମର ଅନେକ ଗୁଡ଼ିଏ ପ୍ରକଳ୍ପ ଅସଫଳ ହୋଇଛି ସଞ୍ଜୀବ।

ସଞ୍ଜୀବ: ମୁଁ ସେଗୁଡ଼ିକୁ ଅସଫଳ କହିବି ନାହିଁ। ଦେଖନ୍ତୁ, ଏହା ଶିଖିବାର ଗୋଟିଏ ପ୍ରକ୍ରିୟା। ଏଭଳି ଅଣପାରମ୍ପରିକ ଶକ୍ତି ଉତ୍ସର ବ୍ୟବସାୟରେ ରହିବାକୁ ହେଲେ ଆପଣଙ୍କୁ ଅନେକ କିଛି ଶିଖିବାକୁ ହେବ। ସେସବୁ ପ୍ରକଳ୍ପ ଯାହା ମୁଁ ଆପଣଙ୍କୁ କହୁଥିଲି ସେସବୁ ମୋ ପାଇଁ ଶିକ୍ଷା ଥିଲା।

ନାଜିମ: ଆମ ବ୍ୟାଙ୍କ ଭାବୁଛି ଯେ ଅଧିକରୁ ଅଧିକ ଉଦ୍ୟୋଗୀ ଏହି କ୍ଷେତ୍ରକୁ ଆସିବେ ଏବଂ ଆମେ ଅଧିକ ଲୋନ ଦରଖାସ୍ତ ପାଇବୁ।

ସଞ୍ଜୀବ: ଏହା ଅସମ୍ଭବ ନୁହେଁ। ପରିବେଶ ବିଗିଡ଼ି ଯିବାରୁ ରକ୍ଷା ପାଇବାର

ଏକମାତ୍ର ବାଟ ହେଉଛି ଅଣପାରମ୍ପରିକ ଶକ୍ତି ଉତ୍ସ।

ନାଜିମ: ଜଣେ ସଚେତନ ଲୋକ ଏକଥା ବୁଝିପାରିବ, କିନ୍ତୁ ମୋ ପ୍ରଶ୍ନ ହେଉଛି ଆପଣ ଗାଁକୁ କାହିଁକି ଗଲେ, ଆପଣଙ୍କର ତ ସହର ଆଉ ସହରତଳି ଅଞ୍ଚଳରେ ସୁଯୋଗ ଅଧିକ।

ସଞ୍ଜୀବ: ମୁଁ ଆପଣଙ୍କୁ ଆଗ ପରିସ୍ଥିତି ବୁଝେଇ ଦେଉଛି। ଜାତିସଂଘର ପରିବେଶ କାର୍ଯ୍ୟକ୍ରମର ରିପୋର୍ଟ ଅନୁସାରେ...

ନାଜିମ: ସେ ପାଖ ଚା ଦୋକାନରେ ବସି ଆଲୋଚନା କଲେ ବେଶୀ ଭଲ ହେବନାହିଁ କି?

ସଞ୍ଜୀବ: ନିଶ୍ଚୟ। ଆପଣ ଜାଣି ଖୁସି ହେବେ ଯେ ଏ ଚା ଦୋକାନୀ ସୁନ୍ଦରବନର ମୋ ପ୍ରକଳ୍ପର ଜଣେ ସମର୍ଥକ।

ନାଜିମ: ଆଚ୍ଛା! ତା ମାନେ ତ ନିଶ୍ଚୟ ତାଙ୍କ ଦୋକାନରୁ ଚା ପିଇବା।

ସଞ୍ଜୀବ: ବେଲୁ ଭାଇ, ଚା ଦିଅ। ସ୍ପେଶାଲ ଚା, ମୋ ଚା'ରେ ଚିନି କମ୍ ଦେବ।

ନାଜିମ: ହଁ ଏବେ ଠିକ ହେଲା। ମେଘ ଢାଙ୍କିଛି, ତେଣୁ ଖରା ବେଶୀ ନାହିଁ। ଆମେ ଆଲୋଚନା କରିପାରିବା।

ସଞ୍ଜୀବ: ଆପଣ ବଢ଼ିଆ କଥା କହୁଛନ୍ତି।

ନାଜିମ: ଧନ୍ୟବାଦ। ଏବେ ଆପଣଙ୍କ ଅବଧାରଣା କୁହନ୍ତୁ। ମୁଁ ଶିଖିବାକୁ ଚାହୁଁଛି।

ସଞ୍ଜୀବ: ଶିଖିବାକୁ? ଥଟ୍ଟା କରୁଛନ୍ତି।

ନାଜିମ: ମୋଟେ ନୁହେଁ। ମତେ ଏ ପ୍ରକଳ୍ପରେ ପଇସା ଖଟେଇବାର ସମ୍ଭାବନା ଜାଣିବା ପାଇଁ ପଠା ହୋଇଛି।

ସଞ୍ଜୀବ: ଦେଖନ୍ତୁ, ଭାରତ ମୁଖ୍ୟତଃ ଗାଉଁଲି ଦେଶ। ମୋଟ ଜନସଂଖ୍ୟାର ପ୍ରାୟ ଶତକଡ଼ା ୭୦ ଭାଗ ଗାଁରେ ରହନ୍ତି। ସେଥିପାଇଁ ଭାରତର ଆର୍ଥିକ ସ୍ଥି ଏବଂ ସାମାଜିକ ବିକାଶ ଗାଁର ବିକାଶ ସହ ଯୋଡ଼ା।

ନିଜାମ: ମୁଁ ଏକମତ ହୋଇପାରୁନି।

ସଞ୍ଜୀବ: କିନ୍ତୁ ଗତ ପଚାଶ ବର୍ଷ ଭିତରେ ବିଜୁଳି ଶକ୍ତି ଯୋଗାଣ କ୍ଷେତ୍ରରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟା ସତ୍ତ୍ୱେ ଘରୋଇ ବିଜୁଳି ଯୋଗାଣ ଏବଂ ବିଜୁଳି ଉପଲବ୍ଧତା ବିଶ୍ୱ ସ୍ତର ତୁଳନାରେ ବହୁତ ପଛରେ ରହିଛି।

ନିଜାମ: ଏଥିରେ ଅରାଜି ହେବାର କିଛି ନାହିଁ।

ସଞ୍ଜୀବ: ଦେଖନ୍ତୁ, ଆମର ମୂଲ୍ୟାୟନ ପ୍ରକ୍ରିୟାରେ କିଛି ଖଇଚା ରହିଛି। ପ୍ରଥମେ ଏହାର ଆକଳନ ଗାଁକୁ ବିଜୁଳି ଲାଇନ ସହିତ ଯୋଡ଼ି ଦେଖାଯାଉଥିଲା। କେତେ ଘରକୁ ବିଜୁଳି ଆସିଛି ତା'ର କିଛି ହିସାବ ନ ଥିଲା।

ନାଜିମ: ଏଥିରେ ଭୁଲ କେଉଁଠି?

ସଞ୍ଜୀବ: ମୁଁ ଆପଣଙ୍କୁ କହୁଛି। ଏଥିରେ କାହାର ଚିନ୍ତା ନ ଥିଲା ଯେ କେତେ ଘରକୁ ବିଜୁଳି ଗଲା।

ନାଜିମ: ଏବେ ମୁଁ ଆପଣଙ୍କ କଥା ବୁଝିଲି, ଏଥିରେ ଦମ୍ ଅଛି। (ହସୁଛନ୍ତି)

ସଞ୍ଜୀବ: ଆମ ଦେଶରେ ଯଦି ଗାଁରେ ବିଜୁଳି ଲାଇନ ପହଞ୍ଚି ଗଲା ଧରାଯାଉଥିଲା ଯେ ବିଦ୍ୟୁତିକରଣ ହୋଇଗଲା। ଏହିଭଳି ଶତକଡ଼ା ୯୪.୫ ଭାଗ ଗାଁରେ ବିଜୁଳି ତ ପହଞ୍ଚିଛି, କିନ୍ତୁ କେତେ ଘରେ ତା କେହି ଜାଣନ୍ତି ନାହିଁ।

ନାଜିମ: କିନ୍ତୁ ଆପଣ ବି ତ ଆପଣଙ୍କ ଗାଁରେ ଏଇଆ ଦେଖିଛନ୍ତି।

ସଞ୍ଜୀବ: ହଁ କଥା ତ ସେଇଆ। ଦୂରଦୂରାନ୍ତ ଅଞ୍ଚଳରେ ଏବଂ ଛୋଟ ଛୋଟ ବସ୍ତିରେ ଯେଉଁଠି ବିଜୁଳି ଲାଇନ ପହଞ୍ଚିନାହିଁ, ସେଠି ନବୀକରଣ ଏବଂ ଅଣପାରମ୍ପରିକ ଶକ୍ତି ଉତ୍ସର ସହାୟତା ନିଆଯାଇଛି।

ନାଜିମ: ଆପଣ ଠିକ କଥା କହିଲେ। କିନ୍ତୁ ଏଇ ପରିବର୍ତ୍ତନ କେତେ ହୋଇପାରିବ। ସୌରଶକ୍ତି, ଗୋବର ଗ୍ୟାସ, ଏବଂ ଲଘୁ ଜଳବିଦ୍ୟୁତ ପ୍ରକଳ୍ପ ଦ୍ୱାରା କେତେ ପରିବର୍ତ୍ତନ ହୋଇପାରିଛି।

ସଞ୍ଜୀବ: ଆମ ପୁନଃନବୀକରଣ ଯୋଗ୍ୟ ଶକ୍ତି ମନ୍ତ୍ରାଳୟ ଏଭଳି ପଦକ୍ଷେପକୁ ଉତ୍ସାହିତ କରୁଛି। ରାଜ୍ୟ ସଂସ୍ଥା ମଧ୍ୟ ମନ୍ତ୍ରାଳୟ ସହ ମିଶି ଲକ୍ଷ୍ୟ ହାସଲ ଦିଗରେ ଲାଗିଛନ୍ତି।

ନାଜିମ: ସେସବୁ ତ ଠିକ ଅଛି, କିନ୍ତୁ...

ସଞ୍ଜୀବ: କିନ୍ତୁ ବେଲୁ ଭାଇ ଚା ଆଣିଲେଣି। ମୋ ପ୍ରିୟ ବିସ୍କୁଟ କାଇଁ ବେଲୁ ଭାଇ?

ବେଲୁ: ଏଁ.. ମାନେ... ମୁଁ ଭାବିଲି ଯେ ଏ ବାବୁ କାଳେ ସେ ବିସ୍କୁଟ ପସନ୍ଦ କରିବେନି। ସେଥିପାଇଁ...

ନାଜିମ: ଆରେ ଭାଇ, ବାବୁ ଡାକୁଛ ଚଳିବ, କିନ୍ତୁ ବିସ୍କୁଟ ଖାଇବାରୁ କାହିଁକି ବଞ୍ଚିତ କରୁଛ (ସମସ୍ତେ ହସୁଛନ୍ତି)

ବେଲୁ: ଏଇ ମୁଁ ଗଲି ବିସ୍କୁଟ ଆଣିବାକୁ। ସମସ୍ତଙ୍କ ପାଇଁ ଦୁଇଟା ଲେଖାଏଁ।

ସଞ୍ଜିବ: ସଂଖ୍ୟା ଗଣିବାରେ ତମେ କେବେ ଭୁଲ କରନି ବେଲୁ ଭାଇ। ଜଲ୍‌ଦି ଯାଅ। (ବେଲୁ ଦୌଡ଼ି ଯାଉଛନ୍ତିଃ)

ବେଲୁ: ଏଇ ନିଅନ୍ତୁ ବିସ୍କୁଟ ବାବୁ।

ନାଜିମ: ବହୁତ ବହୁତ ଧନ୍ୟବାଦ ଭାଇ।

ସଞ୍ଜୀବ: ବେଲୁ ଭାଇଙ୍କ ଘର ଏଠୁ ପ୍ରାୟ ଦେଢ଼ କିଲୋମିଟର ଦୂର। ଏଇ ନିକଟରେ ତାଙ୍କ ଘର ଗୋଟିଏ ଗ୍ରୀଡ ସହ ଯୋଡ଼ା ଯାଇଛି।

ନାଜିମ: ଯାହାହେଉ, ଖୁସି ଲାଗିଲା।

ସଞ୍ଜୀବ: ଖୁସି କଥା ହେଉଛି ଗ୍ରୀଡଟି ଛୋଟ ଏବଂ ଏହାର ଶକ୍ତି ଉତ୍ସ ହେଉଛି ପୁନଃନବୀକରଣ ଯୋଗ୍ୟ ଶକ୍ତି। ସେଠି ଗୋଟିଏ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଛନ୍ତି, ସେମାନେ ଏହାକୁ ଆରମ୍ଭ କରିଛନ୍ତି।

ନାଜିମ: ଏଭଳି କାମକୁ ଆଗକୁ ବଢ଼ାଇବା ପାଇଁ ଆମକୁ କର୍ପୋରେଟ କ୍ଷେତ୍ରର ବି ସାହାଯ୍ୟ ନେବା ଦରକାର। କ'ଣ କହୁଛ?

ସଞ୍ଜୀବ: ଏଥିରେ କୌଣସି ସନ୍ଦେହ ନାହିଁ। ନୂଆ ପରିସ୍ଥିତି ଜଣାଉଛି ଯେ ବର୍ତ୍ତମାନ ଅଫ୍‌ଲାଇନ୍ ଗ୍ରୀଡ ଶକ୍ତି ଚାହିଦୀ ପୂରଣ କରିବ। ବ୍ୟକ୍ତିଗତ କମ୍ପାନୀ ବି ଏହି କ୍ଷେତ୍ରରେ ନୂଆ ଭୂମିକା ଖୋଜୁଛନ୍ତି।

ନାଜିମ: ବାଃ, କି ବଢ଼ିଆ କଥା!!

ସଞ୍ଜୀବ: ଦୁଇଟି ରାଜ୍ୟର ସରକାର ଏ ଦିଗରେ ଭଲ କାମ କରିଛନ୍ତି।

ନାଜିମ: ମୁଁ ଭାବୁଛି ଗୋଟିଏ ହେଉଛି ପଶ୍ଚିମବଙ୍ଗ। (ହସୁଛନ୍ତି)

ସଞ୍ଜୀବ: ଆପଣ ଠିକ କହିଛନ୍ତି। ଆଉ ଦ୍ୱିତୀୟଟି ହେଉଛି ଛତିଶଗଡ଼। ଭାରତରେ ଲଘୁ ସୌର ଗ୍ରୀଡର ଯୋଜନା ୧୯୯୦ ମସିହାରେ ପଶ୍ଚିମବଙ୍ଗର ସୁନ୍ଦରବନ ଅଞ୍ଚଳ ପାଇଁ ଆସିଥିଲା। ଆଉ ଛତିଶଗଡ଼ର ଦୂର ଅଗମ୍ୟ ଜଙ୍ଗଲରେ ରହୁଥିବା ଲୋକଙ୍କ ପାଇଁ ପ୍ରସ୍ତାବ କରାଗଲା। ସେତେବେଳେ ଏହା ମଧ୍ୟ ପ୍ରଦେଶର ଅଂଶ ଥିଲା।

ନାଜିମ: କିନ୍ତୁ ସେସବୁ ସରକାରୀ ସଂସ୍ଥା ଥିଲା। ପ୍ରାଇଭେଟ ସେକ୍ଟର ବିଷୟରେ କ'ଣ କହୁଛନ୍ତି? ମୁଁ ମୋ ପ୍ରଶ୍ନକୁ ଦୁଇଥର ପଚାରୁଛି। କିନ୍ତୁ ମୋ ପାଇଁ ଜାଣିବା ଜରୁରୀ।

ସଞ୍ଜୀବ: କେତେ ଭଲ ଉଦାହରଣ ନିଆଯାଇପାରେ। ଅନେକ ରାଜ୍ୟରେ ଲଘୁ ବିଦ୍ୟୁତ କେନ୍ଦ୍ର ସ୍ଥାପିତ ହେଉଛି। ଯେଉଁଠି ବିଜୁଳି ପହଞ୍ଚିବା କଷ୍ଟକର, ସେସବୁ ଗାଁରେ ପ୍ରାଇଭେଟ କମ୍ପାନୀ କାମ କରୁଛନ୍ତି। ବିହାରର ଗୋଟିଏ କମ୍ପାନୀ ୩୦୦ ଗାଁରେ ବିଦ୍ୟୁତ ଯୋଗାଣର କାମ କରିଛି। ଏହି କମ୍ପାନୀ ୨୦୦୭ରୁ ଆଜିଯାଏଁ ୮୦ଟି ଛୋଟ ଛୋଟ ଲଘୁ ବିଦ୍ୟୁତ କେନ୍ଦ୍ର ସ୍ଥାପନ କରିଛି ଏବଂ ପ୍ରାୟ ଦୁଇ ଲକ୍ଷ ଲୋକଙ୍କୁ ସେବା ପହଞ୍ଚାଇଛି।

ନାଜିମ: ପ୍ରଶଂସନୀୟ କାମ...

ସଞ୍ଜୀବ: ଆହୁରି ବି କେତେ ଉଦାହରଣ ରହିଛି। କର୍ଣ୍ଣାଟକରେ ବି ସେଲ୍‌କୋ ନାମକ କମ୍ପାନୀ ସୌର ଶକ୍ତି ଉପରେ କାମ କରୁଛି। ଏହି କମ୍ପାନୀ ନିଜର ସ୍ୱତନ୍ତ୍ର ପ୍ରକାରର କାରିଗରୀ ସାହାଯ୍ୟରେ ଗାଁରେ ସୌରଶକ୍ତି ଦ୍ୱାରା ଘରକୁ ଆଲୁଅ ଯୋଗାଉଛି।

ନାଜିମ: ଆପଣଙ୍କର ମତ କ'ଣ, ଭବିଷ୍ୟତରେ ଆହୁରି ଉଦ୍ୟୋଗୀ ଆଗକୁ ଆସିବେ।

ସଞ୍ଜୀବ: ମୋର ଏଥିରେ କୌଣସି ସନ୍ଦେହ ନାହିଁ। ମୋ କମ୍ପାନୀର ଯୋଜନା ସୁନ୍ଦରବନ ଅଞ୍ଚଳରେ ନବୀକରଣୀୟ ଶକ୍ତି କ୍ଷେତ୍ରରେ ପାଞ୍ଚଟି ଏକକ ପ୍ରତିଷ୍ଠା କରିବା।

ନାଜିମ: ପାଞ୍ଚଟି କାହିଁକି? ଏଥିରେ ଖର୍ଚ୍ଚ ଅଧିକ ହେବନାହିଁ?

ସଞ୍ଜୀବ: ଆରମ୍ଭରେ ହେବ। ଯଦି ଆପଣ ଗୋଟିଏ ହିଁ ସ୍ରୋତ ଯେମିତିକି ସୌର ଶକ୍ତି ବା ପବନ ଶକ୍ତିରେ କାମ କରୁଛନ୍ତି, ଅନିୟମିତ ଶକ୍ତି ଉପଲବ୍ଧତା ଯୋଗୁ ଏହା ସମ୍ଭବ। ବାଦଲ ଯୋଗୁ କେବେ ସୌର ଶକ୍ତି ଉତ୍ପନ୍ନ ହେବନାହିଁ, ଅନ୍ୟ ଦିଗରେ ପବନରେ ବେଗ ନ ଥିବାରୁ ପବନ ଶକ୍ତି ସୃଷ୍ଟି ହେବନାହିଁ।

ନାଜିମ: ମୁଁ ବୁଝିପାରୁଛି ସଞ୍ଜୀବ।

ସଞ୍ଜୀବ: ଆପଣଙ୍କ ପାଇଁ ମୋ ପାଖରେ କିଛି ନୂଆ ଅଛି... ମାନେ ନୂଆ ସର୍‌ପ୍ରାଇଜ

ନାଜିମ: କ'ଣ... କୌଣସି ବଡ଼ ଆୟୋଜନ...

ସଞ୍ଜୀବ: ବଡ଼ କାର୍ଯ୍ୟକ୍ରମ ନୁହେଁ, ଗୋଟିଏ ସାଧାରଣ ଗାଁର କାର୍ଯ୍ୟକ୍ରମ। କିଛି ସଙ୍ଗୀତ ଆଉ ଦୁଇଟି ଛୋଟ ନାଟିକା।

ନାଜିମ: ତା ତ ଠିକ ଅଛି। କିନ୍ତୁ ଏଥିରେ ଆଶ୍ଚର୍ଯ୍ୟର କଥା କ'ଣ ଅଠି?

ସଞ୍ଜୀବ: ସାରା ଅଲୁଅ ବ୍ୟବସ୍ଥା। ନବୀକରଣୀୟ ଶକ୍ତିରୁ କରିବେ। ଡିଜେଲ ଜାଳିବେ ନାହିଁ କି କିଛି ପ୍ରଦୂଷଣ ହେବନାହିଁ।

ନାଜିମ: ଆଚ୍ଛା!!

ସଞ୍ଜୀବ: ଯେଉଁ ନାଟକ ଦେଖାହେବ ସେ ବି ସ୍ଥାନୀୟ କିଂବଦନ୍ତୀ ଉପରେ ଆଧାରିତ ହେବ। କିନ୍ତୁ ଏଥିରେ ସନ୍ଦେଶ ସ୍ୱଷ୍ଟ ରହିଥିବ। ନବୀକରଣୀୟ ଶକ୍ତି ଆଉ ପରିବେଶ ସୁରକ୍ଷା।

ନାଜିମ: ତାହେଲେ ତ ମୁଁ ନିଶ୍ଚୟ ଦେଖିବି। ଗେଷ୍ଟ ହାଉସରେ ଖବର ଦେଇ ଦେଉଛି ଯେ ଡେରିରେ ଫେରିବି।

ଦୃଶ୍ୟ ପରିବର୍ତ୍ତନ ଗାଁର ଦୃଶ୍ୟ,

ନାଜିମ: ମଜା ଲାଗିଲା। ବଢ଼ିଆ ପ୍ରସ୍ତୁତି। ସେ ଛୋଟଝିଅ ବିଷୟରେ କ'ଣ ବା କହିବି! ସତରେ ପ୍ରତିଭଶାଳୀ ଝିଅଟି

ସଞ୍ଜୀବ: ଜିଲ୍ଲା ସ୍ତରୀୟ ନାଟକ ପ୍ରତିଯୋଗିତାରେ ତା'ର ଚୟନ ହୋଇଥିଲା।

ନାଜିମ: ବଢ଼ିଆ... ସେ ତା'ର ହକଦାର।

ସଞ୍ଜୀବ: ନବୀକରଣୀୟ ଶକ୍ତି ବ୍ୟବହାର ଦିଗରେ ଦିଆଯାଇଥିବା ସନ୍ଦେଶ ପୂରା ସ୍ପଷ୍ଟ ଥିଲା।

ନାଜିମ: ସଞ୍ଜୀବ ସେପଟେ ଦେଖ... ଆକାଶକୁ... ସେ ନୀଳ ରେଖା... ମୁଁ ସହରରେ କେବେ ଏମିତି ଉଜଳ ଚକଚକ ତାରା ଦେଖିନାହିଁ। ଏଇ ଆକାଶ ତଳେ ଠିଆ ହୋଇ ଦେଖିବାର ଅନୁଭୂତି ଅନେକ ଅଲଗା। ମୁଖ୍ୟ କଳାକାରର ସନ୍ଦେଶ ବି ଠିକ ଏହିଭଳି ଅନୁଭୂତି ଦେଉଥିଲା। ଯଦି ଆମ ପୃଥିବୀ ସଫାସୁତୁରା ହେବ ତ ଆମ ଜୀବନ ବି ସୁନ୍ଦର ହେବ।

ସଞ୍ଜୀବ: ଆପଣ ତ ପୂରା ଭାବପ୍ରବଣ ହୋଇପଡ଼ିଲେଣି। ଜଣେ ବ୍ୟାଙ୍କ କର୍ମଚାରୀ ହୋଇ ଏଭଳି...?

ନାଜିମ: ସଞ୍ଜୀବ, ମତେ ମୋର ଦାୟିତ୍ୱ ମନେଅଛି। ଫେରିଯାଇ ମତେ ରିପୋର୍ଟ ବି ପ୍ରସ୍ତୁତ କରିବାର ଅଛି। କିନ୍ତୁ ମୁଁ ବି ତ ଜଣେ ମଣିଷ। ମୋର ବି ସ୍ୱପ୍ନ ଅଛି, ସଫାସୁତୁରା ପରିବେଶ ଆଉ ନିରନ୍ତର ବିକାଶ... କ'ଣ ସଞ୍ଜୀବ, ଏସବୁ ସମ୍ଭବ ହୋଇପାରିବ?

ସଞ୍ଜୀବ: ମୁଁ ତ ସଂକ୍ଷେପରେ କହିବି ଯେ ଅଦ୍ଭୁତ। କିନ୍ତୁ ଏକଥା ବି ସ୍ପଷ୍ଟ ଯେ ଏକ... ଦୁଇ ଏହିଭଳି ପରିକଳ୍ପନା ଯୋଗୁ ସୁନ୍ଦରବନର କାୟାକଳ୍ପ ବଦଳିବ

ନାହିଁ।

ନାଜିମ: କିନ୍ତୁ ମୋର ଆଶା ଅଛି ଯେ ପରିବର୍ତ୍ତନ ଆସିବ। ତମେ ସେ ଇରୋପର ଝିଅର କାହାଣୀ ତ ଶୁଣିଥିବ। ଯିଏ ବିଶ୍ୱ ଉଷ୍ମାୟନ ବିରୁଦ୍ଧରେ ଲଢ଼େଇ ଆରମ୍ଭ କରିଥିଲା।

ସଞ୍ଜୀବ: ହଁ ମୁଁ ତା ବିଷୟରେ ପଢ଼ିଥିଲି। କିନ୍ତୁ ଯେଯାଏଁ ସାରା ଦୁନିଆ ସଚେତନ ହେବନାହିଁ, ସେଯାଏଁ କିଛି ହେବନାହିଁ।

ନାଜିମ: ଆମକୁ ଏଭଳି କାରିଗରୀରେ ପଇସା ଖଟେଇବା ଦରକାର ଯେଉଁଥିଲେ ଆମେ ପ୍ରଦୂଷଣରୁ ରକ୍ଷା ପାଇବା। ସହରରେ ସାର୍ବଜନିକ ଯାତାୟାତ ବ୍ୟବସ୍ଥା ଉପରେ ଜୋର ଦେବାକୁ ହେବ। ସ୍ଥାନୀୟ ନବୀକରଣୀୟ ଶକ୍ତି ଆପଣେଇବାକୁ ହେବ ଏବଂ ଜୀବାଶ୍ମ ଇନ୍ଧନକୁ ଦୂରେଇବାକୁ ହେବ। ଉଦ୍ୟୋଗ ଆଦିରେ କମ୍ ଶକ୍ତି ବ୍ୟବହାର ହେବା ଭଳି କାରିଗରୀ କୁ ଉତ୍ସାହିତ କରିବା ଦରକାର।

ସଞ୍ଜୀବ: ମୁଁ କିଛି ବୁଝିପାରିଲି ନାହିଁ। ସତରେ କ'ଣ ବ୍ୟାଙ୍କ ତରଫରୁ କିଛି ସୂଚନା ନେବାକୁ ଆସିଛନ୍ତି ନା ଆପଣ କୌଣସି ପରିବେଶ କର୍ମୀ (ହସୁଛନ୍ତି)

(ଦୁଇଜଣ ଜୋରରେ ହସୁଛନ୍ତି)

ସଞ୍ଜୀବ: ସାର୍, ଆପଣ ଠିକ ଅଛନ୍ତି ତ?

ନାଜିମ: ସଞ୍ଜିବ, ତମେ ଜାଣି ନ ଥିବ, ମୋର ପୈତୃକ ଗାଁ ଉତ୍ତର ବଙ୍ଗଳାରେ। ସେଠି ଗତ ଦୁଇବର୍ଷ ଧରି ବନ୍ୟା ଆସୁଛି। ଏଥରର ବନ୍ୟାରେ ମୋର ପିଲାଦିନର ସାଙ୍ଗ ଶଙ୍କରର ପାଞ୍ଚ ବର୍ଷର ପୁଅ ଭାସିଯାଇ ମୃତ୍ୟୁ ବରଣ କରିଛି।

ସଞ୍ଜୀବ: ବହୁତ ଦୁଃଖର କଥା ସାର୍।

ନାଜିମ: ଯେତେବେଳେ ମୁଁ ପଢ଼େ ଯେ କିଛି ଚିନ୍ତା ନ କରି ଜଙ୍ଗଲ କାଟିବା ଏବଂ ଜୀବାଶ୍ମ ଇନ୍ଧନ ଯୋଗୁ ଏଭଳି ହେଉଛି, ସେତେବେଳେ ଭାବେ କେଉଁଠି ନା କେଉଁଠି ଆମେ ନିଜକୁ ଦୋଷୀ କରୁଛେ। ମୁଁ ଭାବୁଛି କି ଆମେ ସମସ୍ତେ ମିଶି ପରିବେଶ ପାଇଁ ଭଲ କରିପାରିବା।

ସଞ୍ଜୀବ: ସମସ୍ତେ ଭଳି ଚିନ୍ତା କରନ୍ତେ କି!! କିନ୍ତୁ ବହୁତ ଡେରି ହୋଇଗଲାଣି। ଆପଣଙ୍କୁ ଗେଷ୍ଟ ହାଉସ ବି ଫେରିବାକୁ ହେବ।

ନାଜିମ: ତମେ ଠିକ କହୁଛ। କିନ୍ତୁ ସଞ୍ଜୀବ, ତମେ ମୋର ଶୁଭକାମନା ନାଟକର କଳାକାର ଆଉ ନିର୍ଦ୍ଦେଶକଙ୍କୁ ନିଶ୍ଚୟ ଜଣାଇ ଦେବ। ମୋ ଭଳି ଜଣେ ଲୋକ ଭିତରେ ସେମାନେ ନୂଆ ଚିନ୍ତା ଉଦ୍ରେକ କରାଇଲେ।

ସଞ୍ଜୀବ: ମୁଁ ଆପଣଙ୍କ ଚିନ୍ତା ସେମାନଙ୍କ ପାଖରେ ନିଶ୍ଚୟ ପହଞ୍ଚାଇବି। ଏବେ ଚାଲନ୍ତୁ। ଶୁଭରାତ୍ରୀ।

ନାଜିମ: ଶୁଭରାତ୍ରୀ।